୨୧ ସେପ୍ଟେମ୍ବର ୨୦୧୭



ଶ୍ରୀରାମ ଚରିତ ମାନସ

॥ ଦୋହା ॥
ବାର ବାର ବର ମାଗଉଁ
ହରଷି ଦେହୁ ଶ୍ରୀରଂଗ ।
ପଦ ସରୋଜ ଅନପାୟନୀ
ଭଗତି ସଦା ସତସଂଗ ॥୧୪(କ)॥

ହେ ପ୍ରଭୁ ମୁହିଁ ବାରମ୍ବାର ।
ମାଗୁ ଅଛଇ ଏହି ବର ॥
କମଳ ପୟରେ ତୁମର ।
ଅଚଳା ଭକ୍ତି ନିରନ୍ତର ॥
ଆବର ତୁମ ଭକ୍ତଙ୍କର ।
ସଦା ସତ୍‌ସଙ୍ଗ ହେଉ ମୋର ॥
ହେ ଲକ୍ଷ୍ମୀପତି ହରଷିତ ।
ହୋଇ ଏ ବର ଦିଅ ନାଥ ॥୧୪(କ)॥

ବରନି ଉମାପତି ରାମ ଗୁନ
ହରଷି ଗଏ କୈଲାସ ।
ତବ ପ୍ରଭୁ କପିହ୍ନ ଦିୱାଏ
ସବ ବିଧି ସୁଖପ୍ରଦ ବାସ ॥୧୪(ଖ)॥

ସକଳ ଗୁଣ ରାମଙ୍କର ।
ବର୍ଣ୍ଣନା କରିଣ ଶଙ୍କର ॥
ସେଠାରୁ ଆନନ୍ଦ ମନରେ ।
କୈଳାସ ପୁରକୁ ଗମିଲେ ॥
ପ୍ରଭୁ ତାପରେ କପିଗଣ ।
ଦେଲେ ସୁଖଦ ବାସସ୍ଥାନ ॥୧୪(ଖ)॥

॥ ଚୌପାଈ ॥
ସୁନୁ ଖଗପତି ୟହ କଥା ପାୱନୀ ।
ତ୍ରିବିଧ ତାପ ଭୱ ଭୟ ଦାୱନୀ ॥
ମହାରାଜ କର ସୁଭ ଅଭିଷେକା ।
ସୁନତ ଲହହିଁ ନର ବିରତି ବିବେକା ॥୧॥

ଭୁଷୁଣ୍ଡି କହିଲେ ଗରୁଡ଼ ।
ଏକଥା ଅଟେ ଅତି ଗୂଢ଼ ॥
ଶ୍ରୀରଘୁନାଥଙ୍କ ଚରିତ ।
ସଭିଙ୍କୁ କରାଏ ପବିତ୍ର ॥
ଦୈହିକ ଦୈବିକ ଭୌତିକ ।
ତ୍ରିବିଧ ତାପର ନାଶକ ॥
ଜନ୍ମ ମୃତ୍ୟୁର ଭୟ ନାଶ ।
ଏକଥା କରଇ ଅବଶ୍ୟ ॥
ମହାରାଜ ଶ୍ରୀରାମଙ୍କର ।
ଶୁଭ ରାଜ୍ୟ ଅଭିଷେକର ॥
ଚରିତ ଶୁଣଇ ଯେ ନର ।
ଜ୍ଞାନ ବୈରାଗ୍ୟ ଲାଭ ତାର ॥୧॥

ଜେ ସକାମ ନର ସୁନହିଁ ଜେ ଗାୱହିଁ ।
ସୁଖ ସଂପତି ନାନା ବିଧି ପାୱହିଁ ॥
ସୁର ଦୁର୍ଲଭ ସୁଖ କରି ଜଗ ମାହିଁ ।
ଅଂତକାଲ ରଘୁପତି ପୁର ଜାହିଁ ॥୨॥

ସକାମ ଭାବେ ଯେ ଶୁଣଇ ।
ଆବର ଗାନ କରୁଥାଇ ॥
ସେ ନର ଅନେକ ପ୍ରକାରେ ।
ସୁଖ ସମ୍ପତ୍ତି ଲାଭ କରେ ॥
ଦେବ ଦୁର୍ଲଭ ସୁଖ ଭୋଗ ।
ଜୀବନେ କରିଣ ସରବ ॥
ଶେଷରେ ରଘୁପତି ଧାମ ।
ହରଷେ କରଇ ଗମନ ॥୨॥

ସୁନହିଁ ବିମୁକ୍ତ ବିରତ ଅରୁ ବିଷଈ ।
ଲହହିଁ ଭଗତି ଗତି ସଂପତି ନଈ ॥
ଖଗପତି ରାମ କଥା ମୈଁ ବରନୀ ।
ସ୍ୱମତି ବିଲାସ ତ୍ରାସ ଦୁଖ ହରନୀ ॥୩॥

ଯେଉଁ ମନୁଷ୍ୟ ଜୀବନ୍ମୁକ୍ତ ।
ବିଷୟୀ ଆବର ବିରକ୍ତ ॥
ସେ ଏହି ଚରିତ ଶୁଣିଲେ ।
ଭକ୍ତି ଓ ମୁକ୍ତି ଅବହେଳେ ॥
ଲାଭ କରଇ ନୂଆଁ ଧନ ।
ଏକଥା ଶାସ୍ତ୍ରରେ ପ୍ରମାଣ ॥
ଗରୁଡ଼ ଜନ୍ମ ମରଣର ।
ଦୁଃଖ ଭୟ ଏ କରେ ଦୂର ॥
ମୋ ବୁଦ୍ଧି ସୀମା ଅନୁଯାୟୀ ।
ବର୍ଣ୍ଣିଛି ରାମ କଥା ମୁହିଁ ॥୩॥

ବିରତି ବିବେକ ଭଗତି ଦୃଢ଼ କରନୀ ।
ମୋହ ନଦୀ କହଁ ସୁଂଦର ତରନୀ ॥
ନିତ ନୱ ମଂଗଲ କୌସଲପୁରୀ ।
ହରଷିତ ରହହିଁ ଲୋଗ ସବ କୁରୀ ॥୪॥

ବୈରାଗ୍ୟ ବିବେକ ଓ ଭକ୍ତି ।
ସୁଦୃଢ଼ କରିଥାଏ ଅତି ॥
ମୋ ରୂପକ ନଦୀ ପାରି ।
ସକାଶେ ସୁନ୍ଦର ଏ ତରୀ ॥
ଅଯୋଧ୍ୟାପୁରେ ତିନି ଦିନ ।
ହୁଏ ନବ ଉତ୍ସବମାନ ॥
ସବୁ ଶ୍ରେଣୀର ଲୋକ ତହିଁ ।
ଥାଆନ୍ତି ଆନନ୍ଦରେ ରହି ॥୪॥

ଅନୁବାଦ: **କିଶୋର ଚନ୍ଦ୍ର ଗଡ଼ତିଆ**

☐☐☐ କ୍ରମଶଃ

ରାଶିଫଳ

ମେଷ:- ଆଜି ଆପଣଙ୍କ ପତ୍ନୀଙ୍କ ନିମନ୍ତେ ଚିନ୍ତିତ ହୋଇପାରନ୍ତି । ଦୂର ଯାତ୍ରାର ଯୋଗ ରହିଛି । ଆୟ ଭଲ ରହିବ । କୌଣସି କାର୍ଯ୍ୟରେ ଆବଦ୍ଧ ହୋଇପାରନ୍ତି । ବ୍ୟବସାୟରେ କ୍ଷତି ଘଟିବ । ମହିଳା ଓ ବିଦ୍ୟାର୍ଥିମାନେ ବିଫଳ ହୋଇପାରନ୍ତି ।

ବୃଷ:- ଆଜି ଦିନଟି ଆପଣଙ୍କ ପାଇଁ ଶୁଭଦାୟକ । ଦେହ ଭଲ ରହିବ । ବ୍ୟବସାୟ କ୍ଷେତ୍ରରେ ଲାଭବାନ ହେବା ଜଣାଯାଏ । ମହିଳାମାନେ ଶତ୍ରୁତା କରିପାରନ୍ତି । ବିଦ୍ୟାର୍ଥିମାନେ ଉଚ୍ଚଶିକ୍ଷାରେ ସଫଳ ହୋଇପାରନ୍ତି ।

ମିଥୁନ:- ଆଜି ଆପଣଙ୍କର ଶରିରୀକ ଅସୁସ୍ଥତା ରହିବ । ଉପରସ୍ତରୀୟ ଲୋକମାନଙ୍କ ଠାରୁ ଅପମାନ ଶୁଣିପାରନ୍ତି । ରାଜନୀତିରେ ସହକର୍ମୀମାନେ ବିଶ୍ୱାସଘାତକତା କରିବେ । ବିଦ୍ୟାର୍ଥିମାନେ ଉଚ୍ଚପ୍ରଶଂସିତ ହେବେ ।

କର୍କଟ:- ଆଜି ଆପଣଙ୍କ ପାଇଁ ଶୁଭଦାୟକ । ଆପଣ ସାଂସ୍କୃତିକ ଓ ଧର୍ମ ଉପରେ ବେଶୀ ସମୟ ଦେବେ । ଆୟ ଠାରୁ ବ୍ୟୟ ଅଧିକ ହେବ । ଧାରା କରଜ ବଢିବ । ସ୍ୱାସ୍ଥ୍ୟଭଲ ରହିବ ନାହିଁ । ମହିଳା ଓ ଛାତ୍ରଛାତ୍ରୀମାନେ ଅମନଯୋଗୀ ହେବେ ।

ସିଂହ:- ମାନସିକ ଦୁଶ୍ଚିନ୍ତା ବଢିପାରେ । ପାରିବାରିକ କ୍ଷେତ୍ରରେ ଅଶାନ୍ତି ଦେଖାଯିବ । ଯନ୍ତ୍ରପାତି କ୍ରୟ କରିବେ । ସ୍ୱାସ୍ଥ୍ୟ ଭଲ ନ ରହିପାରେ । ମହିଳାମାନେ ପୁତ୍ର କନ୍ୟାଙ୍କ ପାଇଁ ଚିନ୍ତିତ ରହିବେ ।

କନ୍ୟା:- ଆପଣଙ୍କର ଅଯଥା ଶତ୍ରୁସୃଷ୍ଟି ହେବେ । ବ୍ୟବସାୟ କ୍ଷେତ୍ରରେ ଅପମାନିତ ହୋଇପାରନ୍ତି । ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ବିଦେଶ ଯାତ୍ରା କରିପାରନ୍ତି । ଆୟ ଓ ବ୍ୟୟ ସମାନ ରହିବ । ମହିଳା ଓ ବିଦ୍ୟାର୍ଥୀମାନେ ବିଫଳ ହେବେ ।

ତୁଳା:- ଆପଣ ଦେବାଦେବୀ କାର୍ଯ୍ୟରେ ନିଜକୁ ନିୟୋଗ କରି ସମୟ ବ୍ୟୟ କରିବା ଅର୍ଥ ଲାଭ ହେବାର ଯୋଗା ରହିଛି । ଧର୍ମ କାର୍ଯ୍ୟରେ ଅଧିକ ଅର୍ଥ ବ୍ୟୟ କରିବେ । ଶିକ୍ଷାର୍ଥୀମାନଙ୍କର ଇଚ୍ଛା ପୂରଣ ହେବ ଓ କ୍ରୀଡାରେ ସୁଫଳ ମିଳିବ ।

ବିଛା:- ଗବେଷଣା ଉଦ୍ଦେଶ୍ୟରେ ଲିପ୍ତ ରହିବେ । ପାରିବାରିକ କ୍ଷେତ୍ରରେ କଳହ ହୋଇପାରେ । ଶରୀର ଅସୁସ୍ଥ ରହିବ । କର୍ମକ୍ଷେତ୍ରରେ ସମ୍ମାନ ହାନି ହୋଇପାରେ । ମହିଳା ଓ ବିଦ୍ୟାର୍ଥୀମାନେ ବିଫଳ ହେବେ ।

ଧନୁ:- ଆଜି ଦିନଟି ସତର୍କତା ଅବଲମ୍ବନ କରିବା ଉଚିତ । ସାମୟିକ କଳହ ଓ ଆକସ୍ମିକ ଦୁର୍ଘଟଣା ଘଟିପାରେ । କର୍ମକ୍ଷେତ୍ରରେ ଅଶାନ୍ତି ବଢିବ । ପରିବାରରେ ଅଶାନ୍ତି ସୃଷ୍ଟି ହେବ । ବ୍ୟବସାୟୀମାନେ ପ୍ରତିଯୋଗୀତା ସତ୍ତ୍ୱେ ଲାଭବାନ ହେବେ ।

ମକର:- ଆଜି ଦ୍ୱିତୀୟାର୍ଦ୍ଧଟି ଆପଣଙ୍କ ନିମନ୍ତେ ଶୁଭପ୍ରଦ ହେବ । ସ୍ୱାସ୍ଥ୍ୟ ଭଲ ରହିବ । ଆୟ ଖୁବ୍ ଭଲ ରହିବ । ବିଳାସ ସାମଗ୍ରୀ କ୍ରୟ ଯୋଗ ରହିଛି । ବ୍ୟବସାୟରେ ସତର୍କତା ସହ ଚଳନ୍ତୁ ନଚେତ କ୍ଷତି ହୋଇପାରେ ।

କୁମ୍ଭ:- ପରିବାରରେ ସାମାନ୍ୟ ଅସନ୍ତୋଷ ଦେଖାଦେବ । ବ୍ୟବସାୟରେ କ୍ଷତି କିଛି ମାତ୍ରାରେ ହୋଇପାରେ । କର୍ମକ୍ଷେତ୍ରରେ ଆଶାତୀତ ଉନ୍ନତି ଘଟିବ । ମହିଳାମାନେ ବିଫଳ ହେବେ ଛାତ୍ରଛାତ୍ରୀମାନେ ବିଦ୍ୟା ଶିକ୍ଷାରେ ଓ କର୍ମରେ ଉନ୍ନତି କରିବେ ।

ମୀନ:- ଆଜି ଆପଣଙ୍କ ପାଇଁ ଶୁଭଦାୟକ ହେବ । ଯନ୍ତ୍ରପାତି କିଣିବାର ଯୋଗ ରହିଛି । ବ୍ୟବସାୟରେ ମଧ ଲାଭ ହେବ । ଚାକିରି ପ୍ରାଧାନ୍ୟତା ବଢିବ । ଖୁସିରେ ରହିବେ । ମହିଳା ଓ ଛାତ୍ରଛାତ୍ରୀମାନେ ଅମନଯୋଗୀ ହେବେ ।

ଆଞ୍ଚଳିକ

ବିଜୁ ଜନତା ଦଳ ମହିଳା କର୍ମଶାଳା

ଖୋର୍ଦ୍ଧା,୨୦/୯(ଶ୍ରୁମି)-ସ୍ଥାନୀୟ ବି.ଡି.ଏ କଲ୍ୟାଣ ମଣ୍ଡପ ଠାରେ ବିଜୁ ଜନତା ଦଳ ପକ୍ଷରୁ ଏକ ମହିଳା କର୍ମଶାଳା ଦିବା ୧୨ ଘଟିକା ସମୟରେ ଖୋର୍ଦ୍ଧା ବିଧାୟକ ଶ୍ରୀ ରାଜେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ର ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା କିପରି ତୃଣମୂଳ ସ୍ତରରେ ପହଁଚି ପାରିବ ଓ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ କିପରି ସ୍ୱ-ରୋଜଗାର କ୍ଷମ ହୋଇପାରିବେ, ସେମାନଙ୍କ ଆର୍ଥୀକ ଉନ୍ନତି ହେବା ସଙ୍ଗେ ସଙ୍ଗେ ମହିଳାମାନେ ମୁଖ୍ୟ ସ୍ରୋତରେ ସାମିଲ ହୋଇ ପାରିବେ । ବିଭିନ୍ନ ୱାର୍ଡ଼ରୁ ଆସିଥିବା ମହିଳାମାନେ ସେମାନଙ୍କ ୱାର୍ଡ଼ର ସମସ୍ୟା ସମ୍ପର୍କରେ ବିଧାୟକଙ୍କୁ ଅବଗତ କରାଇଥିଲେ । ବିଧାୟକ ଶ୍ରୀ ସାହୁ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତାମାନଙ୍କ ଅସୁବିଧା, ସୁବିଧା ବିଷୟରେ ଶୁଣିଥିଲେ ଏବଂ କିପରି ଏହି ସମସ୍ୟା ଗୁଡ଼ିକ ପୂରଣ ହୋଇପାରିବ ସେଥିପାଇଁ ସେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଶୀଘ୍ର ସମସ୍ୟା ଗୁଡ଼ିକ କାର୍ଯ୍ୟକାରୀ କରିବା ନିମନ୍ତେ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଖୋର୍ଦ୍ଧା ପୌରାଂଚଳରେ ୨୨ଟି ୱାର୍ଡ଼ରେ ୨୨ଗୋଟି ମହିଳା ସମିତି ନିଜସ୍ୱ ଗୃହ ନିର୍ମାଣ କରିବା ନିମନ୍ତେ ସେ ଯଥାଶୀଘ୍ର ଉଦ୍ୟମ କରିବେ ବୋଲି ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପର୍ଯ୍ୟବେକ୍ଷକ ଭାବେ ଭୁବନେଶ୍ୱର ମହାନଗର ନିଗମ ଡେପୁଟି ମେୟର କେ. ଶାନ୍ତି, କର୍ପୋରେଟର ଇତିଶ୍ରୀ ଜେନା, ମାନସୀ ସୁନ୍ଦରାୟ ଯୋଗଦେଇ ରାଜ୍ୟ ସରକାରଙ୍କ ମହିଳାମାନଙ୍କ ନିମନ୍ତେ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି କର୍ମଶାଳାରେ ଖୋର୍ଦ୍ଧା ପୌରାଧକ୍ଷା ଶ୍ରୀମତୀ ସଂଯୁକ୍ତା ସାହୁ, ଉପାଧକ୍ଷା ଶ୍ରୀ ସଞ୍ଜୟ ସିଂହ ଯୋଗ ଦେଇଥିଲେ । ୨୫୦ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରାୟ ୧୦୦୦ ରୁ ଉର୍ଦ୍ଧ୍ୱ ମହିଳା ଏହି କର୍ମଶାଳାରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ କାଉନ୍‌ସିଲର ଟୁଟୁ ସିଂ, ଅନିଲ କୁମାର ରାମ ଓ ମହେଶ ବେହେରା ପରିଚ୍ଳନା କରିଥିଲେ ।

ମନରେଗାର ବ୍ଲକସ୍ତରୀୟ ଜନଶୁଣାଣୀ

ରାଜନଗର,୨୦/୯(ଶ୍ରୁମି): ରାଜନଗର ବ୍ଲକରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ଜନଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ବିଡିଓ ମନ୍ଦରଧର ମହାଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଜନଶୁଣାଣୀ ଶିବିରରେ ଉପଜିଲ୍ଲାପାଳ ଡଃ କାହ୍ନୁଚରଣ ଧିର, ପଚାଂୟତ ସମିତି ଅଧକ୍ଷ ଜୟରାମ ସେଠୀ, ଉପାଧକ୍ଷା ବିନିଲତା ମାଝୀ, କମ୍ପୁଟର ପ୍ରୋଗ୍ରାମ ଅଫିସର ବିକ୍ରମ ନାୟକ, ଏ.ପି.ଓ ପ୍ରସନ୍ନ ପରିଡାଙ୍କ ସହ ଜିଲ୍ଲାପରିଷଦ ସଭ୍ୟ ରବିନ୍ଦ୍ରନାଥ ସେଠୀ ଏବଂ ରବିନ୍ଦ୍ରକୁମାର ସେଠୀ, ବର୍ଷିୟାନ ବିଜେଡି ନେତା ଉପେନ୍ଦ୍ର ସ୍ୱାଇଁ, ଜିଲ୍ଲା ସୋସିଆଲ ଅଡିଟରଙ୍କ ପ୍ରତିନିଧି ପଟ୍ଟାମୁଣ୍ଡାଇ ବ୍ଲକ ସୋସିଆଲ ଅଡିଟର ରୂପେ ନଳିନୀକାନ୍ତ ସ୍ୱାଇଁ, ସମିତି ସଭ୍ୟ, ସରଂପଚ ଓ ବିଭାଗୀୟ ଯନ୍ତ୍ରୀମାନେ ଯୋଗଦେଇଥିଲେ । ୨୦୧୬-୧୭ରେ ମୋଟ ୨୧,୬୧୭ ଜବକାର୍ଡ ଧାରୀ ପଜିଂକରଣ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୩,୭୩୪ଜଣ ଜବକାର୍ଡ ଧାରୀ କାମ କରୁଛନ୍ତି । ଏହି ବର୍ଷରେ ମୋଟ୫୮,୦୯୭ଟି କାର୍ଯ୍ୟ ଦିବସ ସୃଷ୍ଟି କରାଯାଇଛି । କେରଡାଗଡ ଓ ସାନବଡଗୋପାଳପୁରର ଦୁଇଜଣ ଜବକାର୍ଡ ଧାରୀ ୧୦୦ଦିନ କାମ କରିଥିବା ଏହି ଜନଶୁଣାଣୀ ଶିବିରର ସମୀକ୍ଷା ସମୟରେ ଜଣାପଡିଛି । ରାଜନଗରର ୫ଜଣ ଜବକାର୍ଡ ଧାରୀ ଦୀର୍ଘଦିନ ହେବ କାମକରିଥିଲେ ମଧ୍ୟ ଏଯାବତ୍ ପଇସା ମିଳିନଥିବା ଅଭିଯୋଗ କରିବା ପରେ ଉପଜିଲ୍ଲାପାଳ ଡଃ ଧିର ସି.ପି.ଙ୍କୁ କାହିଁକି ଏମାନେ ପଇସା ପାଇନାହାଁନ୍ତି ବୋଲି ଜଣିବାକୁ ଚାହିଁଥିଲେ । ଗ୍ରାମ୍ୟ ବ୍ୟାଙ୍କରେ ସେମାନଙ୍କ ପାସବୁକ୍ ଥିବାରୁ ଆକାଉଁଟରେ ପଇସା ଆସିବା ସମସ୍ୟା ସୃଷ୍ଟି ହୋଇଛି । ଏହାଛଡା ରାଜ୍ୟ ମନରେଗା ଆକାଉଁଟରେ ପଇସା ନଥିବାରୁ କାମ କରିଥିବା ବ୍ୟକ୍ତିମାନେ ପଇସା ପାଇବାରେ ବିଳମ୍ବ ହେଉଛି । ଖୁବ୍ ଶୀଘ୍ର ସେମାନେ କିଭଳି ପଇସା ପାଇବାର ବ୍ୟବସ୍ଥା କରିବାକୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଉଦ୍ୟାନ ବିଭାଗ ପକ୍ଷରୁ ପଚାଂୟତ ପୋଖରୀ ହୁଡା ଓ ବ୍ୟକ୍ତିଗତ ଜମିରେ ନଡିଆ ଚାଷ ପାଇଁ ଯୋଗାଇ ଦିଆଯାଇଥିବା ହିତାଧିକାରୀଙ୍କୁ ମନରେଗା ଯୋଜନାରେ ପଇସା ପାଇନଥିବା ନେଇ ମଙ୍ଗରାଜପୁର, ଗୁଲୁଦିଆ ଗ୍ରାମର ହିତାଧିକାରୀମାନେ ଅଭିଯୋଗ କରିଥିଲେ । ସମିତି ସଭ୍ୟ ପାରେଶ୍ୱର ନାୟକ ଓ ପ୍ରଶାନ୍ତକୁମାର ରାଉତ ପ୍ରମୁଖ ଉଦ୍ୟାନ ବିଭାଗରେ ହୋଇଥିବା ଅନିୟମିତତା ଓ କାଗଜ କଲମରେ ଚାଲିଥିବା ବଗିଚା ସଂପର୍କରେ ବ୍ଲକ ଉଦ୍ୟାନ ବିଭାଗର ସହକାରୀ ଉଦ୍ୟାନ କୃଷି ଅଧିକାରୀ ଟୁଙ୍କିଲ ଜେନାଙ୍କ ବିରୁଦ୍ଧରେ ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ତୁରନ୍ତ ସମାଧାନ କରିବାକୁ ଶ୍ରୀମାତୀ ଜେନାଙ୍କୁ ଡଃ ଧିର ତାଗିଦ୍ କରିଥିଲେ । ଏହି କାର୍ଯ୍ୟକ୍ରମକୁ ତୃଷାରକାନ୍ତ ବେହେରା ଓ ମୃତ୍ୟୁଞ୍ଜୟ ବୁଦ୍ଧପଦ ଦାସ ପରିଚାଳନା କରିଥିଲେ ।

ଉତ୍କଳ ସାମ୍ବାଦିକ ସଂଘର ଜିଲ୍ଲା କମିଟି ଗଠିତ

ବାଲେଶ୍ୱର୨୦/୯(ଶ୍ରୁମି):ଉତ୍କଳ ସାମ୍ବାଦିକ ସଂଘର ବାଲେଶ୍ୱର ଜିଲ୍ଲା କମିଟି ଏବଂ ବ୍ଲକ ସଂଯୋଜକ ନାମ ସଂପ୍ରତି ଘୋଷଣା କରାଯାଇଛି । ଜିଲ୍ଲା ସଭାପତି ବ୍ରହ୍ମରନନ୍ଦ ସ୍ୱାଇଁଙ୍କ ସଭାପତିତ୍ୱରେ ନୀଳଗିରି ଡାକବଙ୍ଗଳାରେ ଏ ଉପଲକ୍ଷେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ସାମାଜିକ ସଂଗଠନକୁ ଅଧିକ ସକ୍ରିୟ କରାଯିବା ଉପରେ ଆଲୋଚନା ହୋଇଥିଲା । ଏହି ବୈଠକରେ ଉପସଭାପତି ଭାବେ ଶିରିଶ ମହାନ୍ତି,ସମ୍ପାଦକ ଭାବେ ବିଶ୍ୱମ୍ବର ଦାସ ଓ ଧରିତ୍ରୀ ପଣ୍ଡା,ଜିଲ୍ଲା କାର୍ଯ୍ୟକାରୀ ସଭ୍ୟ ଭାବେ ସତ୍ୟବ୍ରତ ପ୍ରଧାନ ,ପ୍ରଣବ ସାହୁ,ଜଗନ୍ନାଥ ପାତ୍ର,ନନ୍ଦକିଶୋର ସାହୁ ,ସନ୍ଦିପ ପଣ୍ଡା,ଛାୟାକାନ୍ତ ମହାନ୍ତି,ଗଦାଧର ଜେନା,ସତ୍ୟବ୍ରତ ଦାସ,ଅଶୋକ ପ୍ରଧାନ,ପ୍ରମୋଦ ଶିଅଳଙ୍କୁ ମନୋନୀତ କରାଯାଇଥିବା ବେଳେ ନୀଳଗିରି ବ୍ଲକ ସଂଯୋଜକ ଭାବରେ ବ୍ରଜକିଶୋର ପାଣି ,ରେମୁଣାର ଗୋବିନ୍ଦ ପାଢୀ,ବାହାନଗାର ବୀର ମିଶ୍ର,ବାଲେଶ୍ୱର ସଦରର କମଳ ଲୋଚନ ଆଚାର୍ଯ୍ୟ,ଔପଦାର ଦେବେନ୍ଦ୍ର ପଣ୍ଡା,ସୋରର ନରସିଂହ ନାୟକ,ଖଇରାର ନରେନ୍ଦ୍ର ବେହେରା,ଜଳେଶ୍ୱରର ପ୍ରଦୀପ ମିଶ୍ର,ବସ୍ତାର ଅଜିତ ସାହୁ ,ବାଲିଆପାଳର କୃପାସିନ୍ଧୁ ପଣ୍ଡା,ଭୋଗରାଇର ରାଧାକାନ୍ତ ପ୍ରଧାନ ଓ ସିମୁଳିଆ ବ୍ଲକର ସନ୍ତୋଷ ନାୟକଙ୍କ ନାମ ଘୋଷଣା କରାଯାଇଛି । ଏହି ବୈଠକରେ ସମ୍ପାଦକ ଲୋକନାଥ ଦଳେଇଙ୍କ ସମେତ ସଞ୍ଜୟ ଦାସ,ସୁଧାଂଶୁ ଶେଖର ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

ଚମ୍ପୁଆରେ ଗଢିଲା କୃଷକ ସଚେତନତା ରଥ

ଚମ୍ପୁଆ୨୦/୯(ଶ୍ରୁମି):ଚମ୍ପୁଆ ଉପଖଣ୍ଡ ଅଧିନ ୩ଟି ବ୍ଲକର ଚାଷୀଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ନିୟନ୍ତ୍ରିତ ବଜାର ସମିତି ପକ୍ଷରୁ କୃଷକ ସଚେତନତା ରଥକୁ ଉପଜିଲ୍ଲାପାଳ ପୌରହରି ବେହେରା ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି ରଥ ଚମ୍ପୁଆ,ଯୋଡା ଓ ଝୁମ୍ପୁରା ବ୍ଲକରେ ରଥ ପରିକ୍ରମା ମାଧ୍ୟମରେ କୃଷକମାନଙ୍କୁ ସଚେତନତା ସୃଷ୍ଟି କରିବା ବୋଲି ଉପଜିଲ୍ଲାପାଳ ଆଶା ପ୍ରକଟ କରିଛନ୍ତି। ୨୦୧୭-୧୮ ଖରିଫ ଋତୁରେ ଚାଷୀମାନେ ସେମାନଙ୍କ ବଳକା ଧାନ କ୍ରୟ ପାଇଁ ଆଗୁଆ ଅନଲାଇନ୍ ପଞ୍ଜୀକରଣ,ପୂର୍ବରୁ ପଞ୍ଜିକୃତ ହୋଇଥିବା ଚାଷୀଙ୍କୁ ନବୀକରଣ,ନୂତନ ଚାଷୀଙ୍କୁ ପଞ୍ଜୀକରଣ,ଚାଷୀଙ୍କୁ ସାହାଯ୍ୟ,ସମ୍ପର୍କରେ ଏହି ରଥ କୃଷକଙ୍କୁ ସଚେତନର ବାର୍ତ୍ତା ପହଞ୍ଚାଇବ ବୋଲି ଉପଜିଲ୍ଲାପାଳ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ସହକାରୀ ଜିଲ୍ଲାପାଳ ସପନ କୁମାର ସାହୁ ,ଅତିରିକ୍ତ ତହସିଲଦାର ସୁଶାନ୍ତ କୁମାର ନାୟକ,ଆରଏମ୍‌ସି ସେକ୍ରେଟାରୀ ବିଶ୍ୱମୋହନ ମହାନ୍ତି,ସମବାୟ ନିରୀକ୍ଷକ ନିହାର ରଂଜନ ମିଶ୍ର,ଆକାଉଣ୍ଟାଣ୍ଟ ଜନାର୍ଦ୍ଦନ ପୃଷ୍ଟି,ଏସିଏସ୍‌ଓ ମଙ୍ଗନ ସିଂ ଓ ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ଜୟନ୍ତ କୁମାର ନାଏକ ଉପସ୍ଥିତ ଥିଲେ।

ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗାମୀ ପୂଜା ନିମନ୍ତେ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା,୨୦/୯(ଶ୍ରୁମି)-ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗାମୀ ଦିନରେ କିପରି ଶାନ୍ତି ଶୃଙ୍ଖଳା ସହ ଦୁର୍ଗାପୂଜା, ରାବଣ ପୋଡ଼ି ଓ ଗଜଲକ୍ଷ୍ମୀ ପୂଜା ପାଳିତ ହେବ ସେଥିପାଇଁ ନୂତନ ଜିଲ୍ଲାପାଳ ଶ୍ରୀ ନିର୍ମଳ ଚନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ ବୈଠକରେ ଆଜି ବୁଧବାର ଅପରାହ୍ଣ ୫ଟାରେ ଆୟୋଜନ କରାଯାଇଥିଲା । ଚଳିତ ବର୍ଷ ଖୋର୍ଦ୍ଧା ସହରରେ ୫ଟି ଦୁର୍ଗା ମେଢ଼ ଓ ୪ଟି ହରପାର୍ବତୀ ମେଢ଼ ସ୍ଥାନ ପାଇବ । ଦଶହରା ଉତ୍ସବ ମଙ୍ଗଳବାର ୨୬ ତାରିଖରୁ ଆରମ୍ଭ ହୋଇ ଶନିବାର ୩୦ ତାରିଖ ପର୍ଯ୍ୟନ୍ତ ପାଳନ ହେବ । ଅକ୍ଟୋବର ୧ ତାରିଖ ଦିନ ମା'ଙ୍କ ଭସାଣୀ ଉତ୍ସବ କରାଯିବା ପାଇଁ ସ୍ଥିର କରାଯାଇଛି । ୩୦ ତାରିଖ ଦଶହରା ଦିନ ସ୍ଥାନୀୟ ବି.ଜେ.ବି. ହାଇସ୍କୁଲ ପଡ଼ିଆ ଠାରେ ବଡି ଜୋନ୍ ପକ୍ଷରୁ ରାବଣ ପୋଡ଼ି ସହ ଆତସବାଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସେହିପରି ଲକ୍ଷ୍ମୀପୂଜା ଅକ୍ଟୋବର ୫ ତାରିଖ ରୁ ଆରମ୍ଭ ହୋଇ ୧୧ ତାରିଖ ବୁଧବାର ଦିନ ମିଳିତ ଭସାଣୀ ଉତ୍ସବ ମହାସମାରୋହରେ ପାଳନ କରାଯିବ । ଚଳିତ ବର୍ଷ ଖୋର୍ଦ୍ଧା ସହରରେ ୩୪ଟି ଲକ୍ଷ୍ମୀ ମଣ୍ଡପ ସ୍ଥାନ ପାଇବ ବୋଲି ବ୍ୟବସାୟୀ ମହାସଂଘ ସୂଚନା ଦେଇଥିଲେ ଏବଂ ମିଳିତ ଭସାଣୀ ରାତ୍ର ୧୦ ଘଟିକା ମଧ୍ୟରେ ମୂର୍ତି ଗୁଡ଼ିକ ବିସର୍ଜନ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଦଶହରା ଏବଂ ଭସାଣୀ ସମୟରେ ଖୋର୍ଦ୍ଧା ଅଂଚଳର ସମସ୍ତ ମଦ ଦୋକାନ ବନ୍ଦ ରହିବ ବୋଲି ନିଷ୍ପତି ହୋଇଥିଲା । ସବୁ ପୂଜା ମଣ୍ଡପ ନିକଟରେ ପୋଲିସ୍ ପ୍ରଶାସନର ଫୋନ ନଂ. ରଖାଯିବ ବୋଲି ଉପଜିଲ୍ଲାପାଳ କହିଥିଲେ । ଖୋର୍ଦ୍ଧା ସହରରେ କିପରି ଶାନ୍ତି ଶୃଙ୍ଖଳା ସହ ପୂଜା ପାଳନ କରାଯିବ ସେଥିନିମନ୍ତେ ଜିଲ୍ଲାପାଳ ସମସ୍ତ ବିଭାଗଙ୍କୁ ନିର୍ଦ୍ଦେଶ ଦେଇଥିଲେ ଏବଂ ସମସ୍ତଙ୍କୁ ଦୁର୍ଗା ପୂଜା ନିମନ୍ତେ ଅଭିନନ୍ଦନ ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୀତାଂଶୁ କୁମାର ରାଉତ, ଉପ ଜିଲ୍ଲାପାଳ ସରୋଜ କୁମାର ସାହୁଙ୍କ ସମେତ ଜିଲ୍ଲା ସମସ୍ତ ବିଭାଗର ମୁଖ୍ୟ ଅଧିକାରୀମାନଙ୍କ ସହିତ ସମସ୍ତ ପୂଜା ମଣ୍ଡପର କର୍ମକର୍ତାମାନେ ଯୋଗ ଦେଇଥିଲେ ।

ଭୋଲନାଳ ବନ୍ଧପୋଲ ଭୁଷୁଡ଼ିବ

ନୀଳଗିରି,୨୦/୯(ଶ୍ରୁମି):ନୀଳଗିରି ବ୍ଲକ ଅଧୀନସ୍ଥ ତେଲିପାଳ ଗ୍ରା.ପ.ର ଭୋଲନାଳ ଗାଁ ଦେଇ ୧ହଜାର ଲୋକଙ୍କର ଯାତାୟତ ପାଇଁ ଏହି ନାଳ ଉପରେ ୭ବର୍ଷ ପୂର୍ବରୁ ପୋଲ ନିର୍ମାଣ କରାଯାଇଥିଲା । ଠିକାଦାର ଯିଏ ହୁଅନା କାହିଁକି ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ କରାଯାଇଥିବା ପୋଲ ୭ବର୍ଷ ନ ପୁରୁଣୁ ବନ୍ଧରୁ ଫାଳେ ଗାର୍ଡ ୱାଲ ଭାଙ୍ଗିଯାଇ ଥିଲା ବେଳେ ଓ ଅନ୍ୟଗାର୍ଡ ୱାଲ ଖଣ୍ଡ ଖଣ୍ଡ ହୋଇ ଦଣ୍ଡାୟମାନ ହୋଇଛି । ଆଉ ଦିନେ ଦୁଇଦିନ ଭିତରେ ପୋଲଟି ସମ୍ପୂର୍ଣ୍ଣ ଭୁଷୁଡ଼ିପଡ଼ିବ ବୋଲି ଗାଁର ଟିକା ମାରାଣ୍ଡି ହରି ମୁର୍ମୁ, ମଧୁସୁଦନ ମୁର୍ମୁ, କାଳିଆ ବେଶ୍ର, ଲକ୍ଷ୍ମୀ ବେଶ୍ରା, ପ୍ରମୁଖ ଶହେରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏଠାରେ ସୂଚନା ଯୋଗ୍ୟ କେସିପୁର ଓ ତେଲିପାଳ ପଞ୍ଚାୟତର ବାଲିଆନାଳ , ରାଉଦିଆ, ଖଡ଼ିଚୁଆ, ବୁଧିଆଚୁଆ, ଟକବନ୍ଧ, ଦେଶବନ୍ଧ, ଓ ଭୋଲନାଳ ଗ୍ରାମରୁ ଦୈନନ୍ଦିନ ହଜାରେରୁ ଉର୍ଦ୍ଧ୍ୱ ଲୋକ ଉକ୍ତ ରାସ୍ତା ଦେଇ ଯିବା ଆସିବା କରନ୍ତି । ଗ୍ରାମବାସୀଙ୍କ ଠାରୁ ଶୁଣିବାକୁ ମିଳୁଛି ଏହି ପୋଲଟିକୁ ନୀଳଗିରି ଆଇଟିଡିଏ ବିଭାଗ ୭ବର୍ଷ ତଳେ ନିର୍ମାଣ କରିଥିଲା ।

ଓଡିଶା ସମବାୟ ସମିତି ଓ ନିର୍ବାଚିତ ଲୋକ ପ୍ରତିନିଧିଙ୍କର ପାଞ୍ଚ ଦଫା ଦାବି ନେଇ ଧାରଣା

ରାଜନଗର,୨୦/୯(ଶ୍ରୁମି): ରାଜନଗର କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମୁଖରେ ଓଡିଶା ପ୍ରାଥମିକ କୃଷି ସମବାୟ ସମିତି ଓ ଲ୍ୟାମ୍ପସ୍ ନିର୍ବାଚିତ ପ୍ରତିନିଧି ଏବଂ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ୫ଦଫା ଦାବୀ ନେଇ ଧାରଣା ଦେଇଛନ୍ତି । ସମସ୍ତ ପ୍ରାଥମିକ ସମବାୟ ସମିତି ସମସ୍ତ କର୍ମଚାରୀମାନଙ୍କୁ ସରକାରୀ କର୍ମଚାରୀ ଘୋଷଣା, ସପ୍ତମ ବେତନ କମିଶନ ସୁପାରିଶ ଅନୁସାରେ ସମସ୍ତ କର୍ମଚାରୀଙ୍କୁ ସମସ୍ତ ପ୍ରାପ୍ୟ ପ୍ରଦାନ, ପେନସନ, ଗ୍ରାଚ୍ୟୁଇଟ୍, ଲିଭ ସାଲାରି ପ୍ରଭୃତି ସହ ରାଜ୍ୟ ସରକାରଙ୍କ ମହଙ୍ଗା ଭତା ପ୍ରଦାନ କରାଯାଉ ପ୍ରଭୃତି ୫ଦଫା ଦାବି ନେଇ ଧାରଣା ଅନୁଷ୍ଠିତ ହୋଇଛି । ଯାହାଫଳରେ ସାର ବିକ୍ରୟ, ଚାଷୀ ରେଜିଷ୍ଟ୍ରେସନ ପ୍ରଭୃତି ପ୍ରକ୍ରିୟା ଠପ୍ ହୋଇଯାଇଛି । ଏହି ଧାରଣାରେ ଅଜାମ୍ବର ଦାସ, ଗଗନବିହାରୀ ପରିଡା, ସୁକାନ୍ତ ବେହେରା, ଗୋବିନ୍ଦ ଜେନା, ଜ୍ଞାନରଂଜନ ନାୟକ, ଅନ୍ତର୍ଯ୍ୟାମୀ ରାଉତ ପ୍ରମୁଖଙ୍କ ସହ ସମସ୍ତ ସମ୍ପାଦକ କର୍ମକର୍ତାମାନେ ଯୋଗଦେଇଥିଲେ ।

ସୋନପୁର ଠାରେ ଉଆଁସ ଓ ବୁଢାରଜା ବଳିଯାତ୍ରା ବହୁ ଆଡମ୍ବରରେ ପାଳିତ

ଦହି ଓ ଦହନାରେ ମହମହ ବାସୁଛି ସହର

ସୋନପୁର,୨୦/୯(ଶ୍ରୁମି): ୧୦୮ ଗୋଟି ମନ୍ଦିରରେ ବିଭିନ୍ନ ଦେବାଦେବୀ ରିତିନିତୀରେ ବର୍ଷସାରା ପୂଜାର୍ଚ୍ଚନା ପାଇ ଆସୁଥିବା ଏହି ଐତିହାସିକ ,ପର୍ଯ୍ୟଟକ କ୍ଷେତ୍ର,ମନ୍ଦିର ମାଳିନୀ ସୁବର୍ଣ୍ଣପୁର ସହରରେ ଗତ ବୁଧବାର ଦିନ ମହାନଦୀ ପୀଠ ଠାରେ ଅବସ୍ଥିତ ମାଁ ବୁଢାରଜା ମନ୍ଦିରରେ ଉଆଁସ ଓ ବୁଢାରଜା ବଳିଯାତ୍ରା ମହାଆଡମ୍ବର ରେ ପାଳିତ ହୋଇଥିବା ବେଳେ ଏହି ଆଶ୍ୱିନମାସ ଅମାବାସ୍ୟା ଦିନ ଠାରୁ ବିଶ୍ୱପ୍ରସିଦ୍ଧ ମହାବଳି ଯାତ୍ରା ପ୍ରତିବର୍ଷ ଦଶହରା ଓ ପୂର୍ଣ୍ଣମା ଦିନ ଯାଏ ପାଳନ କରାଯାଏ ଏବଂ ସହର ଚଳ ଚଞ୍ଚଳ ହୋଇ ଉଠିଥାଏ । ଶହଶହ ବର୍ଷ ପୂର୍ବରୁ ପାଳନ ହୋଇ ଆସୁଥିବା ଏହି ମହାବଳି ଯାତ୍ରା ସୋନପୁର ସହରର ଅଷ୍ଟଚଣ୍ଡୀ ପୀଠ ମାଁ ସ୍ୱରେଶ୍ୱରୀ,ମାଁ ଭଗବତୀ,ମାଁ ଖଗେଶ୍ୱରୀ,ମାଁ ସମଲେଇ ,ମାଁ ବିମଳାଇ,ମାଁ ଦଶମତୀ,ମାଁ ନାରାୟଣୀ,ମାଁ ରାମଚଣ୍ଡୀ ଏବଂ ମାଁ ବୁଢୀ ସମଲାଇ ,ମାଁ ବୁଢାରଜା ପୀଠରେ ମଧ୍ୟ ବଳିଯାତ୍ରା ପୂଜାବିଧି ରିତୀନିତୀରେ ହୋଇଥାଏ । ଅମାବାସ୍ୟାର ପୂର୍ବଦିନ ବିଳମ୍ବିତ ରାତିରେ ମାଳି ସଂପ୍ରଦାୟର ସେବାୟତଙ୍କ ଦ୍ୱାରା ମାଁ ଖଗେଶ୍ୱରୀ ମନ୍ଦିର ଠାରୁ ମାଁ ବୁଢୀ ସମଲାଇ,ମାଁ ଅଷ୍ଟଚଣ୍ଡୀ ମନ୍ଦିର ସମେତ ମାଁ ବୁଢାରଜା ମନ୍ଦିର ଯାଏ ମନ୍ତ୍ରତନ୍ତ୍ରର ଲଙ୍ଗଳ ଗାର କଟା ଯାଇଥିଲା । ଯେଉଁ ଗାରକୁ ସାଧାରଣ ଲୋକେ ଏହି ଯାତ୍ରାର ସେବାୟତ ମାନେ ମାଁ ବୁଢାରଜାଙ୍କ ମନ୍ଦିର ଠାରେ ରିତୀନିତୀରେ ପୂଜା ଅର୍ଚ୍ଚନା କରିଥିଲେ । ଏଠାରେ ମାନସିକ କରିଥିବା ହଜାର ହଜାର ଭକ୍ତ ମାଁଙ୍କ ଠାରେ ପୂଜା ସାମଗ୍ରୀ ନଡିଆ, ଭୋଗ, କୁକୁଡା ଓ ବୋଦା ବଳି ଭକ୍ତି ଶ୍ରଦ୍ଧାରେ ଅର୍ପଣ କରିଥିଲେ । ଦିନ ୧୨ଟାରେ ମାଁ ସ୍ୱରେଶ୍ୱରୀଙ୍କ ପୀଠ ଠାରେ ବାଉରୀଛତ୍ର ଓ ଚେପଟା ଢୋଲକୁ ପୂଜାଅର୍ଚ୍ଚନା କରାଯାଇ ଏକ ଶୋଭାଯାତ୍ରାରେ ବରୁଆ ଓ ଭକ୍ତମାନେ ମାଁ ସମଲାଇ ,ମାଁ ବୁଢୀ ସମଲାଇ ପୀଠକୁ ନେଇ ଆସିଥିଲେ । ଦିବା ୧୨ ଘଣ୍ଟାରେ ଏହି ମନ୍ଦିର ମାନଙ୍କରେ ବାଉରୀଛତ୍ର ଓ ଚେପଟା ଢୋଲକୁ ପୂଜା କରାଯାଇଥିଲା । ଅମାବାସ୍ୟାର ପରବର୍ତ୍ତୀ ଦିନମାନଙ୍କ ରେ ବିଭିନ୍ନ ଚଣ୍ଡୀ ପୀଠମାନଙ୍କରେ ଉପନ ବଳି,ନବମୀ ବଳି,ଯାତ୍ରା ଓ ଦଶହରା ବଳିଯାତ୍ରା ପାଳନ କରାଯାଇଥାଏ ଏବଂ ଏହି ଦିନ ମାନଙ୍କରେ ସୋନପୁର ମୁଳଗତ ପାଖଆଖ ଜିଲ୍ଲାମାନଙ୍କରୁ ଲକ୍ଷାଧିକ ଭକ୍ତଙ୍କ ଜନ ସମାଗମ ହୋଇଥାଏ ।

ବିଶ୍ୱକର୍ମା ପୂଜାରେ ସାମ୍ବାଦିକଙ୍କ ଷ୍ଟଲ ଉଦଘାଟିତ

ଅନୁଗୋଳ, ୨୦/୦୯(ଶ୍ରୁ.ମି.) : ନାଲକୋର ପ୍ରସିଦ୍ଧ ବିଶ୍ୱର୍କମା ପୂଜା ଅବସରରେ ନାଲକୋ-ବଆଁରପାଳ ସଂଘର ଷ୍ଟଲକୁ ବିଶିଷ୍ଟ ସମାଜସେବୀ ବିପ୍ଲବ କୁମାର ଜେନା ଆନୁଷ୍ଠାନିକ ଭାବେ ଉଦଘାଟିତ କରିଛନ୍ତି । ଏଥିରେ ମୁଖ୍ୟ ଅତିଥି ଭାବେ ବଆଁରପାଳ ଥାନା ଅଧିକାରୀ କନକ କୁମାର ମାଝୀ ଯୋଗ ଦେଇଥିଲେ ଏବଂ ସମ୍ମାନୀତ ଅତିଥି ଭାବେ କରାଟେ ସ୍କୁଲର ଶିକ୍ଷକ ଜୟଦେବ ପଟ୍ଟନାୟକ ଶ୍ରମିକ ନେତା ଦୀଲପ ରାଉତ ପ୍ରମୁଖ ଯୋଗ ଦେଇଥିଲେ । ଅତିଥି ମାନେ ମତବ୍ୟକ୍ତ କରିଥିଲେ ସାମ୍ବାଦିକ ମାନେ ଏକତା ହୋଇ ସମାଜର ସେବା କରୁଛନ୍ତି ତେଣୁ ନିଷ୍ଠାର ସହ କାର୍ଯ୍ୟକୁ ପ୍ରଶଂସା କରିଥିଲେ । ନାଲକୋ-ବଆଁରପାଳ ସାମ୍ବାଦିକ ସଂଘର ସଭାପତି ଉପେନ୍ଦ୍ର କୁମାର ରାଉତ, ସାଧାରଣ ସଂପାଦକ, ସନ୍ତୋଷ କୁମାର ମିଶ୍ର , କାର୍ଯ୍ୟକାରୀ ସଭାପତି ସଂଜୀବ କୁମାର ମାଣ୍ଡୋଠିଆ, ସଂଗଠନ ସଂପାଦକ ନିରଞ୍ଜନ ନାୟକ ଓ ଉପଦେଷ୍ଟା ନୀଳାମ୍ବର ଦଳବେହେରା ପ୍ରମୁଖ ଅନ୍ୟ ସାମ୍ବାଦିକ ମାନେ ପ୍ରମୁଖ ଉପସ୍ଥିତ ରହିଥିଲେ । ପ୍ରତ୍ୟେକ ଦିନ ପୂଜାରେ ବିଭିନ୍ନ ପ୍ରକାରର ସେବା ଯୋଗାଇ ଦେବାକୁ ସଂଘର ସଂପାଦକ କହିଥିଲେ ।